# CUO Celebrates 78th Independence Day






# CUO Celebrates 78th Independence Day



CENTRAL UNIVERSITY OF ODISHA, KORAPUT

OFFICE OF THE PUBLIC RELATIONS

PRESS RELEASE, DATE: 15.08.2024

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ

*ଭାରତୀୟ ଜ୍ଞାନ ବ୍ୟବସ୍ଥା ହିଁ ସମସ୍ତ ବିକାଶର ମୂଳ: କୁଳପତି*

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ସୁନାବେଡ଼ା ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ବିଦ୍ୟାର୍ଥୀ, କର୍ମଚାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

ବିଶ୍ୱବିଦ୍ୟାଳୟ ସମୁଦାୟକୁ ଅଭିନନ୍ଦନ ଜଣାଇବା ସହ ସ୍ୱାଧୀନତା ସଂଗ୍ରାମ ସମୟରେ ଭାରତୀୟ ମାନେ ଦେଇଥିବା ବଳିଦାନକୁ ସ୍ମରଣ ରଖିବାକୁ ମାନ୍ୟବର କୁଳପତି ପରାମର୍ଶ ଦେଇଥିଲେ । ଯଦିଓ ଆମେ ସ୍ୱାଧୀନତା ହାସଲ କରିଛୁ, ତଥାପି ଆମେ ଉପନିବେଶବାଦୀ ମାନସିକତାରୁ ମୁକ୍ତ ନୁହଁ ବୋଲି ସେ ଉଲ୍ଲେଖ କରିଥିଲେ । ଶିକ୍ଷାର ଭବିଷ୍ୟତ ଅଭିବୃଦ୍ଧି ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା ଦକ୍ଷତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଗବେଷଣା ସମାଜ ପାଇଁ ସହାୟକ ହେବା ଦରକାର। ଏହି ଉଦ୍ଦେଶ୍ୟରେ ଭାରତୀୟ ଜ୍ଞାନ ବ୍ୟବସ୍ଥାକୁ ପ୍ରତ୍ୟେକ ବିଭାଗରେ ଅନ୍ତର୍ଭୁକ୍ତ କରିବା ଅତ୍ୟନ୍ତ ଜରୁରୀ । ଭାରତୀୟ ଜ୍ଞାନ ବ୍ୟବସ୍ଥା ହିଁ ସମସ୍ତ ବିକାଶର ମୂଳ ବୋଲି ସେ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମୀମାନେ ଯେପରି ଆମ ପାଇଁ ବଳିଦାନ ଦେଇଛନ୍ତି, ଆମକୁ ମଧ୍ୟ ନିଜକୁ ଦେଶ ପାଇଁ ବଳିଦାନ ଦେବାକୁ ପଡ଼ିବ। ଆମକୁ ଆମ ଭିତରେ ଥିବା ଅହଂକାର, କ୍ରୋଧ, ଈର୍ଷା ଏବଂ ଅନ୍ୟାନ୍ୟ ନକାରାତ୍ମକ ତତ୍ତ୍ୱକୁ ତ୍ୟାଗ କରିବାକୁ ହେବ, ଯାହାଦ୍ୱାରା ଆମେ ଏକ ଉନ୍ନତ ଭାରତ ଗଠନ କରିପାରିବା । ମନ ସ୍ୱାଧୀନ ନ ହେଲେ ଆମେ ସ୍ୱାଧୀନ ନୁହଁ ବୋଲି ସେ କହିଥିଲେ । ଆତ୍ମନିୟନ୍ତ୍ରଣ ବଜାୟ ରଖିବା ସହ ନକରାତ୍ମକ ତତ୍ତ୍ୱରୁ ମୁକ୍ତ ରହି ସଫଳତା ହାସଲ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଭାରତୀୟ ଜ୍ଞାନ ବ୍ୟବସ୍ଥା ଉପରେ ଆଧାରିତ ସେମିନାର ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡା, ଉପଦେଷ୍ଟା ପ୍ରଫେସର ବିଭାଷ ଚନ୍ଦ୍ର ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସ୍କୁଲ ର ଡିନ୍ ପ୍ରଫେସର ଶରତ କୁମାର ପଳିତା ଓ ଶିକ୍ଷାବିତ୍ ଡ. ବଂଛାନିଧି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ତାଙ୍କ ବକ୍ତବ୍ୟରେ ଓଡ଼ିଶାର ସହିଦମାନଙ୍କୁ ସ୍ମରଣ କରିଥିଲେ। ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାକୁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ନିର୍ଝରୀଣୀ ତ୍ରିପାଠୀ ଓ ଡ. ରୁଦ୍ରାଣୀ ମହାନ୍ତି ସଂଯୋଜନା କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଡ. ରାମେନ୍ଦ୍ର କୁମାର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ କୁଳପତି ପୁରସ୍କାର ପ୍ରଦାନ କରିଥିଲେ  ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମର  ସଂଯୋଜନା କରିଥିଲେ।

ଡ. ଫଗୁନାଥ ଭୋଇ, ଲୋକସମ୍ପର୍କ ଅଧିକାରୀ